# ଗୁଣ୍ଡିଚା ମନ୍ଦିରରେ ତିନି ଠାକୁର

## ଚମ୍ପୁଆରେ ଘୋଷଯାତ୍ରା



ଚମ୍ପୁଆ, ୧୭ (ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୩ଟା ବେଳେ ମନ୍ଦିରରୁ ଆଣି ରଥାରୂଢ଼ କରାଯିବା ସହ ବିଧି ଅନୁଯାୟୀ ପୂଜାର୍ଚ୍ଚନା ପରେ ରଥ ଟଣା ଯାଇଥିଲା। ଉପଜିଲାପାଳ ପ୍ରତାପ ପ୍ରିତିମୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ରଥଯାତ୍ରାରେ କମିଟି ବରିଷ୍ଠ ସଦସ୍ୟ ଧିରେନ ଦାସ ଛେରା ପହଁରା କରିଥିଲେ। ମହାପ୍ରଭୁ ରଥରେ ବସି ମାଉସୀମା' ଘରକୁ ଯାଇଥିଲେ। ପଡ଼ୋଶୀ ମୟୂରଭଞ୍ଜ ଜିଲା, ଝାଡ଼ଖଣ୍ଡ ଓ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

## ଲାଞ୍ଚ ନେଇ ଧରାପଡ଼ିଲେ ଜିଆର୍‌ଏସ୍

ପାଟଣା,୧୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ବୁଢ଼ିକାପୁଡ଼ି ପଞ୍ଚାୟତର ଜିଆର୍‌ଏସ୍(ଗ୍ରାମ ରୋଜଗାର ସେବକ) ନିରାକର ମହାନ୍ତ ଗୁରୁବାର ରାତିରେ ୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ସୂଚନା ଅନୁଯାୟୀ, ତୁରୁମୁଙ୍ଗା ବଜାରରେ ଜବକାର୍ଡ ରେଜିଷ୍ଟ୍ରେସନ ସକାଶେ ଜଣେ ବ୍ୟକ୍ତିଙ୍କଠାରୁ ସେ ଲାଞ୍ଚ ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହି ଚଢ଼ାଉରେ ଭିଜିଲାନ୍ସ ଇନ୍ସପେକ୍ଟର ହେମାମାଳିନୀ ନାୟକ, ଦୈତାରୀ ଘଡ଼େଇ, ଦୁଷ୍ମନ୍ତ ନାଏକ ପ୍ରମୁଖ ସାମିଲ ଥିଲେ।

### ଇମାମୀନଗର ଲୋକାରଣ୍ୟ

ବାଲେଶ୍ୱର ଅଫିସ, ୧୭

ବାଲେଶ୍ୱର ଜିଲା ରେମୁଣା ବାଲ ଗୋପାଳପୁର ଶିଳ୍ପାଞ୍ଚଳ ଇମାମୀନଗର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଶୁକ୍ରବାର ପାଳିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀ ଓ ସୁଦର୍ଶନଙ୍କ ଗହଣରେ ରଥାରୂଢ଼ ହୋଇ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଛନ୍ତି। ଭକ୍ତମାନେ ରଥକୁ ଭିଡ଼ି ଗୁଣ୍ଡିଚା ମନ୍ଦିରରେ ପହଞ୍ଚାଇଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ପୂର୍ବାଞ୍ଚଳ ପୋଲିସ୍ ନିରୀକ୍ଷକ ହିମାଂଶୁ କୁମାର ଲାଲ, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଯୋଗଦେଇ ରଥକୁ ଟାଣିଥିଲେ। ଶୁକ୍ରବାର ପୂର୍ବାହ୍ନରେ ମନ୍ଦିର ମୁଖ୍ୟ ପୂଜକ ପ୍ରଦୀପ୍ତ କୁମାର ମିଶ୍ର ରଥ ପ୍ରତିଷ୍ଠା, ଶ୍ରୀଜୀଉଙ୍କର ବେଶ ଓ ଆଜ୍ଞାମାଳ ଅର୍ପଣ ପରେ ମଙ୍ଗଳାର୍ପଣ, ଧାଡ଼ି ପହଣ୍ଡି, ଟାହିଆ ଲାଗି ଆଦି ରୀତିନୀତି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ପରେ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅପରାହ୍ନ ୪ଟା ୩ ମିନିଟ୍‌ରେ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତଙ୍କ ଗହଣରେ ୩ ଠାକୁର ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ। ରଥ ପହଞ୍ଚିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଳତୀ କରାଯାଇ ରତ୍ନବେଦୀକୁ ନିଆଯାଇଥିଲା। ମନ୍ଦିର ପକ୍ଷରୁ ଆନନ୍ଦ ବଜାରରେ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା ତଥା ଇମାମୀ ଗ୍ରୁପ୍‌ର ପୃଷ୍ଠପୋଷକ ରାଧାଶ୍ୟାମ ଅଗ୍ରୱାଲ୍ ଓ ରାଧାଶ୍ୟାମ ଗୋୟେଙ୍କାଙ୍କ ନିର୍ଦ୍ଦେଶରେ ମନ୍ଦିର ପ୍ରଶାସନ ମୁଖ୍ୟ ପୁରୋଧା ସୁଶୀଲ କୁମାର ଗୋୟେଙ୍କାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଇମାମୀ ଗ୍ରୁପ୍‌ର ସ୍ଥାୟୀ ନିର୍ଦ୍ଦେଶକ ବିବେକ୍ ଚାୱଲା, ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଲ ରଞ୍ଜନ ଦାସସାମନ୍ତରାୟ, କାଗଜକଳର ଉପଦେଷ୍ଟା ଏମ୍‌ବିଏସ୍ ନାୟାର, ସଭାପତି ଆଶିଷ ଅବିନାଶ ଗୁପ୍ତାଙ୍କ ସମେତ ମନ୍ଦିର ପ୍ରଶାସନ ପକ୍ଷରୁ ମନୋଜ କୁମାର ପାଢ଼ୀ ସଞ୍ଚାଳନ କରିଥିଲେ।



ଶ୍ରଦ୍ଧାଳୁମାନେ ରଥକୁ ଟାଣି ନେଉଛନ୍ତି।
































































## ସଂକ୍ଷେପରେ

### ବଜ୍ରପାତରେ ୨ ମୃତ

ବାସୁଦେବପୁର/ବାରିପଦା ଅଫିସ,୧।୭(ଡି.ଏନ.ଏ.): ଭଦ୍ରକ ଓ ମୟୂରଭଞ୍ଜ ଜିଲାରେ ବଜ୍ରପାତ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ଭଦ୍ରକ ଜିଲା ବାସୁଦେବପୁର ସହର ତାରିଣୀଛକଠାରେ କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକ ଲିପୁ ମିଶ୍ର(୩୮)ଙ୍କର ବଜ୍ରପାତରେ ଶୁକ୍ରବାର ଅପରାହ୍ଣରେ ମୃତ୍ୟୁ ଘଟିଛି। ବଜ୍ରପାତରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନା ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଲିପୁଙ୍କ ଘର ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ଦୁର୍ଗାଦେବୀପୁର ଗ୍ରାମରେ। ସେହିପରି ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ପାଟଲିପୁରା ପଞ୍ଚାୟତ ଡେଙ୍ଗୌଦା ଗ୍ରାମର ଚଣ୍ଡ ସିଂ(୫୦) ଶୁକ୍ରବାର ବଜ୍ରପାତରେ ପ୍ରାଣ ହରାଇଛନ୍ତି। ବିଲକୁ କାମ କରିବାକୁ ଯାଇଥିବା ସମୟରେ ବଜ୍ରପାତ ଘଟିବାରୁ ସେ ଟଳି ପଡ଼ିଥିଲେ। ଲୋକେ ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କୂଅରୁ ଉଦ୍ଧାର ହେଲା ଭାଲୁ

କେନ୍ଦୁଝର,୧।୭(ସ୍ୱ.ପ୍ର.): କେନ୍ଦୁଝର ସଦର ବ୍ଲକ ନେଲୁଙ୍ଗ ଗ୍ରାମ ଆମୁଆ ପଣି ସାହିରେ ଶୁକ୍ରବାର କୂଅରେ ପଡ଼ିଥିବା ଏକ ଭାଲୁକୁ ଉଦ୍ଧାର କରାଯାଇଛି। ଭାଲୁଟି ଉକ୍ତ କୂଅରେ ପଡ଼ିଥିବା ଖବରପାଇ ବନ ବିଭାଗ ଓ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚିଥିଲେ। ପ୍ରଥମେ କୂଅରୁ ପାଣି ବାହାର କରି ଏକ ସିଡ଼ି ପକା ଯାଇଥିଲା। ଭାଲୁ ସିଡିରେ ଚଢ଼ି ବାହାରକୁ ବାହାରି ଆସିବା ପରେ ପାଖ ସଂରକ୍ଷିତ ଜଙ୍ଗଲକୁ ପଳାଇଥିଲା। ଏ ନେଇ ପୂର୍ବରୁ ଆଖପାଖ ଅଞ୍ଚଳରେ ଡାକ ବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯାଇ ଘରୁ ନ ବାହାରିବାକୁ କୁହାଯାଇଥିଲା। ଏସିଏଫ୍ ଅଶୋକ ଦାସ, ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତ ପ୍ରମୁଖ ଉଦ୍ଧାର କାର୍ଯ୍ୟ ବେଳେ ଉପସ୍ଥିତ ଥିଲେ।

### ଗୋଟିଏ ରାତିରେ ୩ ସ୍ଥାନରୁ ଚୋରି

ଧାମନଗର, ୧।୭ (ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ପଧାନି ପଞ୍ଚାୟତରେ ଗୁରୁବାର ରାତିରେ ତିନୋଟି ସ୍ଥାନରୁ ଚୋରି ହୋଇଛି। ଚୋରମାନେ ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି ମଟର, ଜେନେରେଟର, ପାଇପ୍ ଓ କାଗଜପତ୍ର ଚୋରି କରି ନେଇଥିବା ସରପଞ୍ଚ ଅଶୋକ ପୁହାଣ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ପଞ୍ଚାୟତରେ ଥିବା ମିଶନ ଶକ୍ତି ଗୃହ ତାଲା ଭାଙ୍ଗି ସିଲିଂ ଫ୍ୟାନ, ଲାପ୍‌ଟପ୍, ମଟର, ଦଶନ୍ଧିକୂଳଠାରେ ଥିବା ରଞ୍ଜନ କୁମାର ବେହୁରିଆଙ୍କ ଭେରାଇଟି ଷ୍ଟୋରରୁ ପ୍ରାୟ ୩୦ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହ ତଦନ୍ତ କରିଛି।

### ବିଦ୍ୟୁତ୍ ଆଘାତରେ ବାଳକ ଗୁରୁତର

ଚମ୍ପୁଆ,୧।୭(ଡି.ଏନ.ଏ): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକର କୋଦଗାଡିଆ ହାଟତୋଟା ସାହିରେ ଶୁକ୍ରବାର ଗଛରୁ ଆମ୍ବ ତୋଳୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ସାହିର ଭରତ ନାଏକଙ୍କ ପୁଅ ଅମିତ୍। ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ସେ ନିଜ ବାଡ଼ି ପାର୍ଶ୍ୱରେ ଥିବା ଗଛରୁ ଆମ୍ବ ତୋଳୁଥିବା ସମୟରେ ଡାଳ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଛିଟିକି ପଡ଼ିଥିଲେ। ତାଙ୍କ ଛାତି, ପେଟ ଓ ଗୋଡ଼ର କିଛି ଅଂଶ ପୋଡ଼ି ଯାଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେଇଥିଲେ।

### ରମାକାନ୍ତ ହେଲେ କୁରୁଦା ସମବାୟ ସମିତି ସଭାପତି

ପଦ୍ମପୁର, ୧।୭(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଲୁଙ୍ଗା ପଞ୍ଚାୟତର କୁରୁଦା ସେବା ସମବାୟ ସମିତିରେ ରମାକାନ୍ତ ଦାସ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ସଭାପତି ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଶିବପ୍ରସାଦ ପଣ୍ଡା, ସମ୍ପାଦକ ପ୍ରଦୀପ ବାରିକ, ସାମାଜିକ କର୍ମୀ ଦେବଦର୍ଶନ ଦାସ ଓ ନିର୍ବାଚିତ ସଭ୍ୟମାନେ ନାମାଙ୍କନ ଦାଖଲ ସମୟରେ ଉପସ୍ଥିତ ଥିଲେ। ଉକ୍ତ ସମିତିର ୧୫ ଜୋନ୍‌ରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ନିର୍ବାଚିତ ହୋଇଥିଲେ। ସେହିପରି ଆର୍ତ୍ତୁଂ ସମିତିରେ ୧୫ଟି ଜୋନ୍‌ରୁ ୧୧ଟିର ନିର୍ବାଚିତ ପ୍ରତିନିଧିମାନଙ୍କ ସମର୍ଥନରେ କୈଳାସ ଚନ୍ଦ୍ର ପଣ୍ଡା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

# ଗାଡ଼ିରୁ ଡେଇଁ କନଷ୍ଟେବଲ ଗୁରୁତର

## ଭୁଜାଲି ଦେଖାଇ ଗୋରୁ ବେପାରୀଙ୍କ ଦାଦାଗିରି

ରୂପସା,୧।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥରେ ଗୋରୁ ଚାଲାଣକାରୀଙ୍କ ଦାଦାଗିରି ଦିନକୁ ଦିନ ବଢ଼ିବାରେ ଲାଗିଛି। ବାରମ୍ବାର ଚଢ଼ାଉ କରାଯାଇ ଗୋରୁଗୁଡ଼ିକୁ ଉଦ୍ଧାର କରାଯାଉଥିଲେ ମଧ ଚାଲାଣ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ସଦର ବ୍ଲକ ଅଧୀନ ହଳଦୀପଦା ବାଇପାସ୍‌ଠାରେ ଗୁରୁବାର ବିଳମ୍ବିତ ରାତିରେ ଗୋରୁ ବେପାରୀ ଭୁଜାଲି ଦେଖାଇ ପୋଲିସକୁ ଭୟଭୀତ କରାଇବାରୁ ଗାଡ଼ିରୁ ଡେଇଁପଡ଼ି ଜଣେ କନଷ୍ଟେବଲ ଗୁରୁତର ଆହତ ହୋଇଛନ୍ତି।

ବସ୍ତା ଥାନା ଅମର୍ଦ୍ଦାରୋଡ଼ ଫାଣ୍ଡି ଅଧୀନ ଧିତପୁରାଠାରେ ଏକ ଟାଟା ଏସିଇ (ନଂ. ଓଡ଼ି୦୪-୪୨୨୭)ରେ ଗୋରୁଚାଲାଣ ହେଉଥିବା ଖବର ପାଇ ସ୍ଥାନୀୟ ଯୁବକମାନେ ଭ୍ୟାନ୍‌କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ଭ୍ୟାନ୍‌କୁ ଜବତ କରି ୪ ଗୋରୁଙ୍କୁ ଗୋଶାଳାରେ ଛାଡ଼ିବାକୁ ନେଇଥିଲା। ରାତିରେ ଅନ୍ୟ କୌଣସି ଡ୍ରାଇଭର ନ ପାଇ ପୋଲିସ ସମ୍ପୃକ୍ତ ଭ୍ୟାନ ଡ୍ରାଇଭରଙ୍କ ସହ କନଷ୍ଟେବଲ ରମେଶ ଦାସଙ୍କୁ ବସାଇ ଥାନାକୁ ଆସୁଥିଲେ। ବାଲେଶ୍ୱର ଗୋଶାଳାରୁ ଫେରୁଥିବା ବେଳେ ପୋଲିସ ଭ୍ୟାନ ଓ ଜବତ ଭ୍ୟାନ ଆଗପଛ ହୋଇ ଚାଲିଥିଲା। ହଳଦୀପଦାଠାରେ ଭ୍ୟାନ ଡ୍ରାଇଭର ସିଟ୍ ତଳୁ ଏକ ଭୁଜାଲି ବାହାର କରି କନଷ୍ଟେବଲଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। କନଷ୍ଟେବଲ ରମେଶ ଦାସ କୌଶଳକ୍ରମେ ଗେଟ୍ ଖୋଲି ଚଳନ୍ତା ଗାଡ଼ିରୁ ଡ଼ିଆଁ ମାରି ଗୁରୁତର ଆହତ ହୋଇଥିଲେ। ଏହାର ସୁଯୋଗ ନେଇ ଜବତ ଭ୍ୟାନ ସହିତ ଡ୍ରାଇଭର ଜଣକ ଚମ୍ପଟ ମାରିଥିଲେ। ଆହତ କନଷ୍ଟେବଲଙ୍କ ମୁଣ୍ଡ, ଗୋଡ଼ରେ ଶକ୍ତ ଆଘାତ ଲାଗିଥିବା ବେଳେ ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତିକରାଯାଇଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



ମେଡ଼ିକାଲରେ ଚିକିତ୍ସାଧୀନ କନଷ୍ଟେବଲ।

# ରଥରେ ଦଧିବାମନଜୀଉ

ଆନନ୍ଦପୁର,୧।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁରରେ ଦଧିବାମନଜୀଉଙ୍କ ରଥଯାତ୍ରା ଶୁକ୍ରବାର ସମ୍ପନ୍ନ ହୋଇଛି। ଝିପି ଝିପି ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁମାନେ ରଥରେ ପ୍ରଭୁଙ୍କ କୃପାଲାଭ କରିଛନ୍ତି। ସକାଳ ୬ଟାରେ ଶୁଭକଳସ, ୯ଟା ୧୦ରୁ ୧୦ଟା ୧୦ ପର୍ଯ୍ୟନ୍ତ ମଙ୍ଗଳାର୍ପଣ ଓ ନୃତ୍ୟର ତାଳେ ତାଳେ ପହଣ୍ଡି ବିଜେ କାର୍ଯ୍ୟ ଯଥାବିଧି ଶେଷ ହେବା ପରେ ୧୧ଟା ୪୫ରେ ଛେରାପହଁରା କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଲକ୍ଷ୍ମୀନାରାୟଣପୁର ଶାସନ, ଆନନ୍ଦପୁର ଶାସନ, ବଳଭଦ୍ରପୁର ଶାସନ ଓ ଦଧିବାମନପୁର ଶାସନର ବ୍ରାହ୍ମଣମାନଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ବିଜେ କରାଇ ରଥାରୂଢ଼ କରାଯାଇଥିଲା। ପରିଚ୍ଛା ସୁଦର୍ଶନ ମିଶ୍ର ଛେରା ପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ। ତିନି ଦିଅଁଙ୍କୁ ରଥ ଉପରେ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ନିର୍ଦ୍ଧାରିତ ଅପରାହ୍ଣ ୫ଟା ୪୫ ରେ ରଥଟଣା ଆରମ୍ଭ ହୋଇଥିଲା ଏବଂ ଗଳଗଣ୍ଡି ପୂଜା ପରେ ସନ୍ଧ୍ୟା ୬ଟା ୩୦ରେ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା।

ଆନନ୍ଦପୁର ଦେବୋତ୍ତର ବିଭାଗ ମୁଖ୍ୟ ତଥା ଉପଜିଲାପାଳ ଗୋପୀନାଥ କୁଅଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏସ୍‌ଡିପିଓ ଅନୀଲ କୁମାର ବେଉରିଆଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ଦେବେନ୍ଦ୍ର ରାଉତ, ନାରାୟଣ ଦାସ, ଚନ୍ଦ୍ରଶେଖର ଦଳେଇ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଶାଳପଡ଼ା ଜଗନ୍ନାଥ ମନ୍ଦିର, କେଶଦୁରାପାଳ, ଜନାର୍ଦ୍ଦନପୁର ଶାସନ ଆଦି ଅଞ୍ଚଳରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି।

# ଜଙ୍ଗଲ ସୁରକ୍ଷା ଲାଗି ଆହ୍ୱାନ

ଖୁଣ୍ଟା,୧।୭(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ଖୁଣ୍ଟା ବନ ବିଭାଗ ପକ୍ଷରୁ ଶୁକ୍ରବାର ୭୩ତମ ବନମହୋତ୍ସବ ସପ୍ତାହ ପାଳନ ଆରମ୍ଭ ହୋଇଛି। ଏହି ଅବସରରେ ସୁରୁକୁନା ଜାହିରା ପୀଠରେ ପୂଜାର୍ଚ୍ଚନା ପରେ ଚାରାରୋପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାନଖୁଣ୍ଟା ସରପଞ୍ଚ ସୁମୀ ହାଁସଦା, ସମ୍ମାନୀତ ଅତିଥି ଭାବେ ଉଦଳା ରେଞ୍ଜ ଅଧିକାରୀ ଅରୁଣ କୁମାର ବେହେରା, ଖୁଣ୍ଟା ଫରେଷ୍ଟର ଇପତି ଶ୍ୟାମ, ସୁରୁକୁନା ଜଙ୍ଗଲ ସୁରକ୍ଷା କମିଟିର ସଭାପତି ଜୟରାମ ମୁର୍ମୁ ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷା ଲାଗି ଆହ୍ୱାନ ଦେଇଥିଲେ। ସପ୍ତାହେ ବ୍ୟାପି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭାଗ ପକ୍ଷରୁ ଜଙ୍ଗଲ ସୃଷ୍ଟି ନିମନ୍ତେ ଚାରାରୋପଣ କରାଯିବ। ଖୁଣ୍ଟା ଫରେଷ୍ଟ ବିଭାଗ ଅଧୀନରେ ଥିବା ୯ ବନସୁରକ୍ଷା କମିଟି ମାଧ୍ୟମରେ ପ୍ରାୟ ୨୭ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯିବାର ଲକ୍ଷ୍ୟ ରହିଥିବା ଫରେଷ୍ଟର ସୂଚନା ଦେଇଛନ୍ତି।




ଚାରାରୋପଣ ପୂର୍ବରୁ ଜାହିରା ପୀଠରେ ପୂଜାର୍ଚ୍ଚନା କରାଯାଉଛି।

## ଲଛମନଖୁଣ୍ଟାରେ ପୁଣି ହାତୀ ଉପଦ୍ରବ

ରୂପସା, ୧।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ଲଛମନଖୁଣ୍ଟା ଅଞ୍ଚଳରେ ପୁଣି ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଗୁରୁବାର ରାତିରେ ମୟୂରଭଞ୍ଜ ପଟୁ ଏକ ଦନ୍ତା ଗାଁକୁ ପଶି ଆସିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ଲଛମନଖୁଣ୍ଟା, ଜାରାସାହି, ଦରଖୁଲି, ଗୁଆବଣିଆ, ନିମଡ଼ିହା ଆଦି ଗାଁରେ ହାତୀ ବୁଲୁଥିବା ଦେଖି ବନବିଭାଗକୁ ଖବର ଦିଆଯାଇଥିଲା। ଜାରାସାହି ଗାଁର ବୈକୁଣ୍ଠ ସିଂଙ୍କ ଘର ଭାଙ୍ଗିଥିବାବେଳେ ବହୁ ଲୋକଙ୍କ ଧାନ, ଚାଉଳ, ପରିବା ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଭୋର୍ ସମୟରେ ବନବିଭାଗ କର୍ମଚାରୀ ପହଞ୍ଚି ଗାଁ ଲୋକଙ୍କ ସହାୟତାରେ ହାତୀକୁ ମୟୂରଭଞ୍ଜ ପଟ ନିମଡ଼ିହା ଜଙ୍ଗଲରେ ଛାଡ଼ିଥିଲେ। ହାତୀଟି ଅସୁସ୍ଥ ଥିବାରୁ ସେଠାରେ ଶୋଇ ରହିଥିବା ଦେଖିବାକୁ ମିଳିଛି। ୬ମାସ ଧରି ବାରମ୍ବାର ରୂପସା ଅଞ୍ଚଳକୁ ହାତୀ ପଶି ଆସୁଥିବାରୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ବନବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଢେଙ୍କିକୋଟରେ ଗଡ଼ିଲା ରଥ

ଢେଙ୍କିକୋଟ,୧।୭(ଡି.ଏନ.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ଦ୍ୱାରା ଚଳିତ ବର୍ଷ ନୂତନ ରଥ ନିର୍ମାଣ କରାଯାଇଥିଲା। ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ପୂଜକ ଟିକନା ନନା ଓ କଳାକର ପଣ୍ଡାଙ୍କ ଦ୍ୱାରା ପୂଜା ପରେ ଅନୁଷ୍ଠାନର ସଂକଳ୍ପଧାରୀ ରାମଚନ୍ଦ୍ର ସାହୁ, ନୀଳମଣି ମଣ୍ଡଳ, ସୁଶାନ୍ତ ମଣ୍ଡଳ, ରାକେଶ ମଣ୍ଡଳ ଏବଂ ଅଭିମନ୍ୟୁ ପଲେଇ ସଂକଳ୍ପରେ ବସିଥିଲେ। ଅପରାହ୍ଣ ୪ଟାରେ ରଥ ଟଣା ଆରମ୍ଭ ହୋଇ ରାତି ୭ଟାରେ ମାଉସୀ ମା' ମନ୍ଦିର ସମ୍ମୁଖରେ ତିନି ଠାକୁର ପହଞ୍ଚିଥିଲେ।



ରଥ ଦାଣ୍ଡରେ ଭକ୍ତଙ୍କ ଗହଳି।

# ଜନଶୁଣାଣି ଶିବିର: ବିଦ୍ୟାଳୟ ସମସ୍ୟା ନେଇ ଅଭିଯୋଗ

ପଦ୍ମପୁର,୧।୭(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ଗଦି ସରକାରୀ ପ୍ରାଥମିକ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ହୋଇଥିବା ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଯୁବ ଖବରଦାତା ସୂର୍ଯ୍ୟୋଦୟ ବିଶ୍ୱାଳ ଅଭିଯୋଗ କରିଛନ୍ତି। ଉକ୍ତ ବିଦ୍ୟାଳୟ ୧୧୦ବର୍ଷର ହୋଇଥିଲେ ବି କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଶୌଚାଳୟ, ପାଚେରି, ପାନୀୟଜଳ, ଖେଳପଡ଼ିଆ ଆଦି ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ଶ୍ରେଣୀଗୃହ କାନ୍ଥ ଓ ଛାତ ଫାଟି ଆଁ କରିଥିବା ବେଳେ ଶୌଚାଳୟ ଜୀବଜନ୍ତୁଙ୍କ ବାସସ୍ଥାନ ପାଲଟିଛି। ଏଥିସହ ସୂଚନା ଅଧିକାର ଆଇନ ତଥ୍ୟ ଅନୁସାରେ ସରକାରୀ ଅନୁଦାନ ହେରଫେର କରାଯାଇଥିବା ଜଣାପଡ଼ିଛି। ମଧ୍ୟାହ୍ନଭୋଜନର ମାନ ମଧ କମ୍ ହେଉଥିବା ଅଭିଯୋଗ ହୋଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଅଭିଯୋଗର ଶୁଣାଣି କରି ବାସୁଦେବପୁର ବିଇଓ ଜଗବନ୍ଧୁ ସାହୁ ଏବଂ ବିଡିଓ ସତ୍ୟଜିତ ରାଉତଙ୍କୁ ଏସବୁର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଉଛି।

## ୨ ମଦ ବେପାରୀ ଗିରଫ

ଧାମନଗର,୧।୭(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଦେଶୀ ଓ ବିଦେଶୀ ମଦ ଜବତ ସହ ଦୁଇ ବେପାରୀଙ୍କୁ ଗିରଫ କରାଯାଇଛି। ଧାମନଗର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଓ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ବଳଙ୍କ ନେତୃତ୍ୱରେ ଏକ ଟିମ୍ ଧୂଷୁରୀ ଥାନା ଅଧୀନ ଆରଡ଼ି, ପହଣା ଓ ମୁଆଁ ଗ୍ରାମରେ ଚଢ଼ାଉ କରିଥିଲା। ୩୩ ଲିଟର ବିଅର, ୫.୯୪୦ ଲିଟର ବିଦେଶୀ ମଦ ଏବଂ ୧୦ ଲିଟର ଆସ୍କାଫର୍ଟି ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଆରଡ଼ି ଗ୍ରାମର ଆଶୁତୋଷ ହୋତା ଓ ପହଣାର ଦେବେନ୍ଦ୍ର କୁମାର ଦାସ। ଜବତ ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏଏସ୍‌ଆଇ ପୁରୁଷୋତ୍ତମ ମଲ୍ଲିକ, କନଷ୍ଟେବଲ ଅଜିତ କୁମାର ସିଙ୍କୁ, ରମେଶ ନାୟକ, ଅନବାଦିତ୍ୟ ବାରିକ, ଶିବପ୍ରସାଦ ସାହୁ, ସୁବାଶିଷ ରାଉତ, ଜେମାମଣି ଜାମୁଡା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ବର୍ଷା ଯୋଗୁ ରଥ ଟଣା ବିଳମ୍ବ

ବାଲିଆପାଳ,୧।୭(ସ୍ୱ.ପ୍ର.)

ବାଲିଆପାଳ ଖଗଡ଼ାପାଳସ୍ଥିତ ଶ୍ରଦ୍ଧାକ୍ଷେତ୍ରରେ ବର୍ଷା ଯୋଗୁ ଶ୍ରୀଜୀଉମାନଙ୍କର ପହଣ୍ଡି, ଛେରାପହଁରା, ରଥଟଣାରେ ବିଳମ୍ବ ହୋଇଛି। ଦୁଇବର୍ଷ ପରେ ଭକ୍ତମାନେ ବର୍ଷାରେ ଭିଜି ଭିଜି ରଥ ଟାଣି ବାଲିଆପାଳ ବସ୍ତଷ୍ଟାଣ୍ଡସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚାଇଥିଲେ। ଶୁକ୍ରବାର ବ୍ରାହ୍ମ ମୁହୂର୍ତ୍ତଠାରୁ ମନ୍ଦିର ପୂଜା ପଣ୍ଡାମାନେ ଶ୍ରୀଜୀଉମାନଙ୍କର ସମସ୍ତ ନୀତିକାନ୍ତି ସମାପନ କରିଥିଲେ। ଅପରାହ୍ଣ ୫ଟାରେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶେଷରେ ବଡ଼ ଠାକୁର ଜଗନ୍ନାଥଙ୍କୁ ଗୋଟି ପହଣ୍ଡିରେ ରଥାରୂଢ଼ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠାତା ପୂର୍ବତନ ବିଧାୟକ ଠାକୁର ରାଜା ଜୟନାରାୟଣ ମହାନ୍ତି ତିନି ରଥରେ ଛେରାପହଁରା କରିବା ପରେ ରଥଟଣା ହୋଇଥିଲା। ମନ୍ଦିର ପରିଚାଳନା କମିଟି ସମ୍ପାଦକ ବ୍ରଜମୋହନ ଭୂୟାଁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ହୃଦୟ ରଞ୍ଜନ ତ୍ରିପାଠୀ, ମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସାହୁ, ସୁଶାନ୍ତ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ବାଲିଆପାଳ ବିଡ଼ିଓ ଦୀପକ କୁମାର ଦାଶ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବା ବେଳେ ବସ୍ତା ଏସ୍‌ଡ଼ିପିଓ ଜଳନ୍ଧର ଜାଲି, ଆଇଆଇସି ପର୍ଶୁରାମ ସାହୁ, ଏସ୍‌ଆଇ ସସ୍ମିତା ମଲ୍ଲିକ, ଏସ୍‌ଆଇ ଶାରଦା ପ୍ରସନ୍ନ ମୁଦୁଲି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ପିଲାଙ୍କ ସଫଳତା ଶିକ୍ଷକ ପାଇଁ ଶ୍ରେଷ୍ଠ ଉପହାର



ସମ୍ବର୍ଦ୍ଧନା ସଭାରେ ଅତିଥି ବକ୍ତବ୍ୟ ଦେଉଛନ୍ତି।

ଖଇରା, ୧।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ବାସନ୍ତୀ ନାୟକ ଓ ଶିକ୍ଷକ ହରେକୃଷ୍ଣ ବିଶ୍ୱାଳଙ୍କୁ ଗୁରୁବାର ବିଦ୍ୟାଳୟ ପରିସରରେ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉଚ୍ଚବିଦ୍ୟାପୀଠର ପ୍ରଧାନଶିକ୍ଷକ ଭାଗିରଥି ଖଟୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଆର୍‌ସିସି ଶ୍ରୀଧର ବେହେରା, ଏବିଇଓ ଗୌରାଙ୍ଗ ମହାପାତ୍ର ଓ ହେମନ୍ତ କୁମାର ମିଶ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସଫଳତା ବା ଉନ୍ନତି ଶିକ୍ଷାଦାନ କରିଥିବା ଶିକ୍ଷକ ପାଇଁ ସର୍ବଶ୍ରେଷ୍ଠ ଉପହାର ବୋଲି କହିଥିଲେ। ଶିକ୍ଷକନେତା ପ୍ରଫୁଲ୍ଲ କୁମାର ଦାସ, ଶଙ୍କର୍ଷଣ ଜେନା, ବିଜୟ କୁମାର ଦ୍ୱିବେଦୀ, ସିଆରସିସି ଲକ୍ଷ୍ମଣ କୁମାର ସେଣ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ପିଲାର ଉନ୍ନତି କେବଳ ଶିକ୍ଷୟିତ୍ରୀଶିକ୍ଷକ ଉପରେ ନ ଛାଡି ଅଭିଭାବକମାନେ ସମପରିମାଣରେ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କୈଳାସ ଚନ୍ଦ୍ର ମାଝି, ଗୌରାଙ୍ଗ ଚରଣ ମୁଖି, ଯମୁନା ବାରିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ପତିରାଜପୁର ପଡିଆରେ ଭୂମିପୂଜନ

ଖଇରା, ୧।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଦୋଳ ମେଳନ ପଡିଆରେ ରାଧାକୃଷ୍ଣ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ରଥଯାତ୍ରା ଅବସରରେ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ର ମହାନ୍ତି ଓ ଅଶୋକ ଜେନାଙ୍କ ଦ୍ୱାରା ଘଟ ଉତ୍ତୋଳନ କରାଯାଇଥିଲା। ପଣ୍ଡିତ ରାଧାକାନ୍ତ ମିଶ୍ର, ଗୌର ପାଠୀ, ନୃସିଂହ ଦ୍ୱିବେଦୀ, ମନୋରଞ୍ଜନ ଶୁକ୍ଳ, ବାଳକୃଷ୍ଣ ଦାଶଙ୍କ ଦ୍ୱାରା ଭୂମିପୂଜନ ସହ ହୋମଯଜ୍ଞାଦି କର୍ମ ଆୟୋଜନ କରାଯାଇଥିଲା। ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପତିରାଜପୁର ମେଳା କମିଟି ସଭାପତି ପିତାମ୍ବର ପଟ୍ଟନାୟକ, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ଉପସଭାପତି ପ୍ରତାପ କୁମାର ପଣ୍ଡା, ଗୋଳିହା ସମବାୟ ସମିତି ସଭାପତି ରମେଶ ଘଡେଇ, ସଭ୍ୟ କ୍ଷେତ୍ରମୋହନ ଖଟୁଆ, ଭୀଷ୍ମଚରଣ ନାୟକ, ପ୍ରଦୀପ କୁମାର ସାମଲ ଉପସ୍ଥିତ ଥିଲେ।



ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ବନ ମହୋତ୍ସବ ସପ୍ତାହ



ବନ ମହୋତ୍ସବ ପାଳନ ଅବସରରେ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ, ୧।୭ (ସ୍ୱ.ପ୍ର.)

ପବିତ୍ର ରଥଯାତ୍ରା ଅବସରରେ ଭଦ୍ରକ ଜିଲା ବନ୍ୟପ୍ରାଣୀ ବନଖଣ୍ଡ ଓ ଯୁବ ଯାଦବ ମହାସଂଘ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ୭୩ତମ ବନ ମହୋତ୍ସବ ସପ୍ତାହ ଆରମ୍ଭ ହୋଇଛି। ଏହି ଅବସରରେ ବିଭୂତିପୁରଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବ ସଙ୍ଗଠକ ଉତ୍ତମ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସରପଞ୍ଚ ନିରଞ୍ଜନ ମଲିକ, ଅମୂଲ୍ୟ କୁମାର ନାୟକ, ଯୁବ ଯାଦବ ମହାସଂଘର ଜିଲା ସଭାପତି ରବି ନାରାୟଣ ଖିଲାର, ଯାଦବ ନେତା ଅନିଲ ବାରିକ, ରାଜ୍ୟ ଯୁବ ସମ୍ପାଦକ ଅମର ନାୟକ, ଆବାହକ କୃଷ୍ଣଚନ୍ଦ୍ର ବେହେରା, ଯୁବନେତା ତାପସ ରାୟ, ବିଜୟ ଖିଲାର, ନିରୁ ବାରିକ, ପଦ୍ମନ ବାରିକ, ସଞ୍ଜୀବ ନାୟକଙ୍କ ସହ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ପ୍ରାୟ ୫୦ଟି ଚାରାରୋପଣ କରାଯାଇଥିଲା। ସମ୍ପାଦକ ସନ୍ତୋଷ ଦାସ ଧନ୍ୟବାଦ ଦେଇଥିଲେ।

# ଶାନ୍ତିଶୃଙ୍ଖଳାରେ ପାଳନ ଲାଗି ପରାମର୍ଶ

ଭଦ୍ରକ ଅଫିସ, ୧।୭

ଭାଇଚାରାର ସହର ଭଦ୍ରକରେ ଶାନ୍ତିଶୃଙ୍ଖଳାର ସହ ଇଦ୍-ଉଲ୍-ଜୁହା ପାଳନ ଉପଲକ୍ଷେ ଗୁରୁବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଚରଣ ସିଂ ମୀନା, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ପବିତ୍ର ଇଦ୍-ଉଲ-ଜୁହା ପର୍ବ ଆସନ୍ତା ୧୦, ୧୧ ଓ ୧୨ ତାରିଖ ତିନିଦିନ ଧରି ପାଳନ କରାଯିବା ନେଇ ସ୍ଥିର ହୋଇଥିବା ଭଦ୍ରକ ମୁସଲିମ ଜମାତର ସଭାପତି ମହମ୍ମଦ ଅବଦୁଲ ବାରୀ ସୂଚନା ଦେଇଥିଲେ। ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ସହ ପର୍ବ ପାଳନ ପାଇଁ ଜମାତ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବିଷୟରେ ସେ ପ୍ରକାଶ କରିଥିଲେ। ୧୦ ତାରିଖରେ କୁଆଁସର ଇଦ୍‌ଗା ମସ୍‌ଜିଦ୍‌ରେ ସାମୂହିକ ପ୍ରାର୍ଥନା କରାଯିବ। ଭଦ୍ରକରେ ହିନ୍ଦୁଙ୍କ ପର୍ବରେ ମୁସଲମାନ ସମ୍ପ୍ରଦାୟ ଓ ମୁସ୍‌ଲିମଙ୍କ ପର୍ବରେ ହିନ୍ଦୁମାନଙ୍କର ପାରସ୍ପରିକ ସହଯୋଗ, ସମର୍ଥନ ସାରା ବିଶ୍ୱ ପାଇଁ ଉଦାହରଣ ବୋଲି ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ ମତବ୍ୟକ୍ତ କରିଥିଲେ।

ଶାନ୍ତିଶୃଙ୍ଖଳାରେ ପର୍ବ ପାଳନ ପାଇଁ ସତର୍କତା ସଚେତନତା ସମ୍ପର୍କରେ ଏସ୍‌ପି ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ବିଶେଷକରି ସୋସିଆଲ ମିଡିଆର ଦୁରୁପଯୋଗ ଯେପରି ନ ହୁଏ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଇଦ୍‌ଗାରେ ସାମୂହିକ ସମାବେଶ ପାଇଁ ପାନୀୟ ଜଳ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ, ସଫେଇ, ସଛିଆ ବ୍ରିଜ୍ ପାଖରୁ ଭଦ୍ରକାଳୀ ପୀଠ ପର୍ଯ୍ୟନ୍ତ ଖରାପ ରାସ୍ତାର ଅସ୍ଥାୟୀ ମରାମତି ଆଦି ପଦକ୍ଷେପ ନିଆଯିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଦର ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ, ଡିଏସ୍‌ପି, ଡିଆଇବି, କମଳ ଲୋଚନ ଭୂୟାଁ, ଭଦ୍ରକ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ସିଡିଭିଓ ଡା. ଶୁଭେନ୍ଦୁ ମିଶ୍ର, ମୁସ୍‌ଲିମ ଜମାତର ସଦସ୍ୟ ସେକ୍ ସିରାଜୁଦ୍ଦିନ, ସେକ୍ ଆବୁକାଲାମ, ସେକ୍ ଅନୱାର ହୋସେନ, ହିନ୍ଦୁ ସୁରକ୍ଷା ସମିତି ସମ୍ପାଦକ ପର୍ଶୁନାଥ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



ବୈଠକରେ ପ୍ରଶାସନିକ ଅଧିକାରୀ, ମୁସ୍‌ଲିମ ଜମାତ କର୍ମକର୍ତ୍ତା ଓ ଅନ୍ୟମାନେ।

## ଇଦ୍-ଉଲ୍-ଜୁହା ଉପଲକ୍ଷେ ପ୍ରସ୍ତୁତି ବୈଠକ

# ସରିଲା ପହଣ୍ଡି, ଆଜି ରଥ ଟଣା

## ବାରିପଦା ରଥଯାତ୍ରା

**ବାରିପଦା ଅଫିସ,୧୭**

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀଶ୍ରୀ ହରି ବଳଦେବଜିଉ ପହଣ୍ଡିରେ ରଥକୁ ବିଜେ କରିଛନ୍ତି। ପରମ୍ପରା ଅନୁଯାୟୀ ଶନିବାର ଏଠାରେ ରଥଟଣା ଅନୁଷ୍ଠିତ ହେବ। ଠାକୁରଙ୍କ ଦର୍ଶନ ଲାଗି ଶୁକ୍ରବାର ସକାଳୁ ବଡ଼ଦାଣ୍ଡରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ଅପରାହ୍ଣ ୫ଟାରେ ନାଗରା ବାଜିବା ପରେ ମନ୍ଦିର ପରିଛା ଆଜ୍ଞାମାଳ ଓ କୁଣ୍ଡରେ ସାବାସିତ ଚନ୍ଦନ ଜଳ ସିଞ୍ଚନ କରିଥିଲେ। ପ୍ରଥମେ ବଳଭଦ୍ରଙ୍କୁ ପହଣ୍ଡିଆମାନେ ପହଣ୍ଡି ବିଜେ କରାଇଥିଲେ। ପରେ ଦେବୀ ସୁଭଦ୍ରା,ସୁଦର୍ଶନ ଠାକୁର ଓ ଶେଷରେ ଜଗନ୍ନାଥ ମହାପ୍ରଭୁ ରଥକୁ ବିଜେ କରିଥିଲେ। ଶନିବାର ଓ ରବିବାର ଦୁଇ ଦିନ ଅପରାହ୍ଣ ୨ଟା ୩୦ମିନିଟରୁ ୫ଟା ୩୦ ପର୍ଯ୍ୟନ୍ତ ରଥ ଟଣା ହେବ ବୋଲି ମନ୍ଦିର ପରିଚାଳନା କମିଟି ସୂଚନା ଦେଇଛି। ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ଦେବୋତ୍ତର ବିଭାଗର ଅଧିକାରୀ ତଥା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବାରିପଦା ବଡ଼ଦାଣ୍ଡରେ ତିନି ରଥ।

## ୧୫ ବର୍ଷରେ ଝୁମ୍ପୁରା ରଥଯାତ୍ରା

**ଝୁମ୍ପୁରା,୧୭(ଡି.ଏନ.ଏ)**

କେନ୍ଦୁଝର ଜିଲା ଝୁମ୍ପୁରାରେ ରଥଯାତ୍ରା ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଚଳିତବର୍ଷ ଏହି ରଥଯାତ୍ରା ୧୫ବର୍ଷରେ ପଦାର୍ପଣ କରିଛି। ଶ୍ରଦ୍ଧାଳୁଙ୍କ ଅସମ୍ଭବ ଭିଡ଼ ଦେଖାଯାଇଥିଲା। ମଧ୍ୟାହ୍ନରେ ପହଣ୍ଡି ବିଜେ ପରେ ତିନିଠାକୁରଙ୍କୁ ଝୁମ୍ପୁରା ଦୋଳ ପଡ଼ିଆରେ ରଖାଯାଇଥିବା ସୁସଜ୍ଜିତ ରଥକୁ ବିଜେ କରାଯାଇଥିଲା। ସ୍ଥାନୀୟ ବାସିନ୍ଦା ଯୁଗଳ ସାହୁ ଛେରା ପହଁରା କରିଥିଲେ। ଡାହୁକ ଭାବେ ବିବୁଲ ସାହୁ ଦାୟିତ୍ୱ ତୁଲାଇଥିଲେ। ଅପରାହ୍ନରେ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ରଥ ପୂର୍ତ୍ତ ବିଭାଗ ରାସ୍ତାରେ ଗଡ଼ି ଗଡ଼ି ଦୁର୍ଗାପଡ଼ିଆସ୍ଥିତ ମାଉସୀମା' ମନ୍ଦିରରେ ସନ୍ଧ୍ୟାରେ ପହଞ୍ଚିଥିଲା। ଅତିରିକ୍ତ ତହସିଲଦାର କ୍ରେସେନିଆଁ ତିର୍କି, ଥାନାଧିକାରୀ ବିରେନ୍ଦ୍ର ଶିଅଳ ଓ ରାଜସ୍ୱ ନିରୀକ୍ଷକ ସମ୍ପଦ ପ୍ରଧାନ ତଦାରଖ କରିଥିଲେ। ମାଉସୀମା' ମନ୍ଦିରରେ ତିନିଠାକୁରଙ୍କ ରହଣି କାଳରେ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପରମ୍ପରା ଅନୁସାରେ ସମସ୍ତ ରୀତିନୀତି ପାଳନ କରାଯିବ ବୋଲି ଜଗନ୍ନାଥ କମିଟିର ସଭାପତି ସୁମନ୍ତ ପାତ୍ର କହିଛନ୍ତି।

## ସର୍ବୋଚ୍ଚ ରଥରେ ଯାତ୍ରା କଲେ ବଳଦେବଜୀଉ

**କେନ୍ଦୁଝର,୧୭(ସ୍ୱ.ପ୍ର./ଡି.ଏନ.ଏ.)**

ବିଶ୍ୱର ସର୍ବୋଚ୍ଚ ମାନ୍ୟତା ପାଇଥିବା ରଥରେ ବସିଛନ୍ତି କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉ। ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ସହ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଛନ୍ତି। ପାଗ ଅନୁକୂଳ ଥିବାରୁ ଜିଲା ଓ ବାହାରୁ ସହସ୍ରାଧିକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ସକାଳୁ ନୀତିକାନ୍ତି ଓ ପୂଜାର୍ଚ୍ଚନା ସମ୍ପନ୍ନ ପରେ ମଧ୍ୟାହ୍ନରେ ପହଣ୍ଡିଆ ସେବାୟତମାନେ ପହଣ୍ଡି କରି ଶ୍ରୀ ଜୀଉଙ୍କୁ ୭୨ ଫୁଟ ଉଚ୍ଚ ରଥରେ ବିରାଜମାନ କରାଇଥିଲେ। ଏହି ସମୟରେ ଘଣ୍ଟ, ହୁଳହୁଳି, ସଂକୀର୍ତ୍ତନ, ଶଙ୍ଖନାଦରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇପଡ଼ିଥିଲା। ଅପରାହ୍ଣ ୨ଟାରେ ପହଣ୍ଡି ଆରମ୍ଭ, ଭକ୍ତି ମୟ ପରିବେଶ ମଧ୍ୟରେ ଅପରାହ୍ଣ ୫.୧୦ରେ ରଥ ଟଣା ହୋଇ ୬.୪୫ରେ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଲା। ରାଜା ଧନଞ୍ଜୟ ନାରାୟଣ ଭଞ୍ଜଦେଓ ଛେରା ପହଁରା କରିଥିଲେ। ଜିଲାପାଳ ଆଶିଷ ଠାକରେ, ଏସ୍‌ପି ମିତ୍ରଭାନୁ ମହାପାତ୍ର, ବିଧାୟକ ମୋହନ ମାଝିଙ୍କ ସମେତ ବହୁ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ଭକ୍ତ ମାନଙ୍କ ସୁବିଧା ପାଇଁ ଟ୍ରାଫିକ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିବା ବେଳେ ବିଭିନ୍ନ ସଂସ୍ଥା ଓ ସଂଗଠନ ପକ୍ଷରୁ ସହାୟତା, ଭୋଗ,ପାଣି ବଣ୍ଟନ ଆଦି କାର୍ଯ୍ୟ କରାଯାଇଥିଲା। ଅସ୍ଥାୟୀ ଭାବେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କରାଯାଇଥିଲା। ଉପଜିଲାପାଳ ରାମଚନ୍ଦ୍ର କିସ୍କୁ,ଏସ୍‌ଡିପିଓ ପି.ଜେ. ଟପୋ, ଟାଉନ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ , ସୂଚନା ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, କର୍ମଚାରୀ, ପୋଲିସ ବାହିନୀ ଉପସ୍ଥିତ ରହି ରଥଯାତ୍ରା ପରିଚାଳନା କରିଥିଲେ। ଶନିବାର ଶ୍ରୀଜୀଉ ଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ। ଭକ୍ତଙ୍କ ମନୋରଞ୍ଜନ ପାଇଁ ଭଜନ, କଣ୍ଢେଇ ନାଚ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ରଥାରୂଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି


୩ ଠାକୁରଙ୍କ ପହଣ୍ଡି ବିଜେ।

**ନୀଳଗିରି, ୧୭(ସ୍ୱ.ପ୍ର.)**

ଦୁଇବର୍ଷ ପରେ ଭକ୍ତ ଆଉ ଭଗବାନଙ୍କ ହେଲା ମିଳନ। ଭକ୍ତ ଆଜି ତାର ଭଗବାନଙ୍କୁ ଦର୍ଶନ ପାଇଛି। ଯଥାରୀତି ନୀତି ଅନୁସାରେ ତୃତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ନୀଳଗିରିରେ ପହଣ୍ଡି ଯାତ୍ରା ପରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ ହୋଇଛନ୍ତି। ପହଣ୍ଡି ବିଜେ ବର୍ଷା ଯୋଗୁ ଏକ ଘଣ୍ଟା ପରେ ଅର୍ଥାତ୍ ଅପରାହ୍ଣ ୪ଟାରେ ହୋଇଥିଲା। ପଣ୍ଡା ପଡ଼ିଆରୀମାନେ ଠାକୁରଙ୍କୁ ଝୁଲାଇ ମନ୍ଦିରରୁ ରଥକୁ ପହଣ୍ଡି ବିଜେ କରାଇଥିଲେ। ଏହି ସମୟରେ ନାମ ସଂକୀର୍ତ୍ତନ, ଶଙ୍ଖ, ମାଦଳ, ମହୁରୀ, ଘଣ୍ଟବାଦ୍ୟରେ ରଥଖଳା ପ୍ରକମ୍ପିତ ହୋଇଥିବଲା।

ପରମ୍ପରା ଅନୁସାରେ ନୀଳଗିରି ରାଜାସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଛେରାପହଁରା କରିଥିଲେ। ଏହି ଯାତ୍ରାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଉପଜିଲାପାଳ ଦିପ୍ତୀରଞ୍ଜନ ସେଠୀ, ଆଇଆଇସି ଦାୟିତ୍ୱରେ ଥିବା ବିରଞ୍ଚି ସାହୁ, ଏନ୍‌ଏସି ଅଧିକାରୀ ଅକ୍ଷୟ କୁମାର ବାଡୁ, ସନ୍ତୋଷ ଖଟୁଆ, ବାପି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଓ ରବିବାର ଦୁଇ ଦିନ ଧରି ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ରରେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେବ। ନୀଳଗିରି ରଥଯାତ୍ରା ବହୁ ବର୍ଷ ପୂର୍ବରୁ ହୋଇଆସୁଥିବା ବେଳେ ପୁରୀ ଶ୍ରୀମନ୍ଦିର ଭଳି ନୀତିକାନ୍ତି ଅନୁସାରେ ପାଳିତ ହୋଇଆସୁଛି। ମାତ୍ର ପୁରୀରେ ଗୋଟିଏ ଦିନରେ ମହାପ୍ରଭୁଙ୍କ ପହଣ୍ଡି ଓ ରଥଟଣା ହୋଇ ଗୁଣ୍ଡିଚା ମନ୍ଦିର ପହଞ୍ଚିଥିବା ବେଳେ ତୃତୀୟ ଶ୍ରୀକ୍ଷେତ୍ରରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପାଇଁ ୩ଦିନ ଧରି ରଥଯାତ୍ରା ପାଳନ କରାଯିବାର ପରମ୍ପରା ରହିଛି।

### ଆଜିଠାରୁ ୨ଦିନ ଘୋଷଯାତ୍ରା

# ଯୋଡ଼ା ଲୁହାରଥ ଚକ ଭାଙ୍ଗିଲା


ଭାଙ୍ଗିଯାଇଥିବା ଲୁହାରଥ ଚକ।

**ଯୋଡ଼ା,୨୧୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଲୁହାରେ ନିର୍ମିତ ରଥ ଚକ ଭାଙ୍ଗି ଯାଇଛି। ୨ ବର୍ଷ ଧରି ମହାପ୍ରଭୁଙ୍କ ଘୋଷଯାତ୍ରା ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏକାଠି ହୋଇ ରଥ ଟାଣିଥିଲେ। ମନ୍ଦିରଠାରୁ କିଛିବାଟ ଯିବା ପରେ ଗୋଟିଏ ଚକ ଭାଙ୍ଗି ଯିବାରୁ ରଥଟଣା ବନ୍ଦ ରହିଥିଲା। ମରାମତି ପରେ ରଥ ଟଣା ଯାଇଥିଲା ବେଳେ ପୁଣି ଥରେ ଚକ ଭାଙ୍ଗି ଯାଇଥିଲା। ରାଧାକୃଷ୍ଣ ମନ୍ଦିର ନିକଟରେ ରଥ ଅଟକି ରହିଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଅପରାହ୍ଣ ୪.୩୦ମି ସମୟରେ ପହଣ୍ଡି ବିଜେ କାର୍ଯ୍ୟ ସମ୍ପନ୍ନ ହେବା ପରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇଥିଲେ। ୫ଘଟିକା ସମୟରେ ଛେରାପହଁରା କାର୍ଯ୍ୟ ଶେଷ ହୋଇଥିଲା। ପରମ୍ପରା ଅନୁଯାୟୀ ରଥକୁ ପ୍ରଥମେ ମହିଳା ଓ ପରେ ସମସ୍ତ ଶ୍ରଦ୍ଧାଳୁ ଟାଣିଥିଲେ। ଜଗନ୍ନାଥ ସେବା ସମିତିର ସଭାପତି ଡା. ଅନୀଲ କୁମାର ଦାସ, ସମସ୍ତ କର୍ମକର୍ତ୍ତା ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହି ସେବା ଯୋଗାଇଥିଲେ। ଥାନା ଆଇଆଇସି ଶ୍ରୀନିବାସ ଖଣ୍ଡାଇ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଉଲ୍ଲେଖଯୋଗ୍ୟ, ଏକ ଖଣି କମ୍ପାନୀ ପକ୍ଷରୁ ଯୋଡ଼ାରେ ଏହି ଲୁହା ରଥ ନିର୍ମାଣ କରାଯାଇଥିଲା। କରୋନା ଯୋଗୁ ୨ ବର୍ଷ ହେଲା ରଥ ଟଣା ବନ୍ଦ ରହିଥିବାରୁ ରଥର ରକ୍ଷଣାବେକ୍ଷଣ କରାଯାଇ ନ ଥିଲା। ଫଳରେ ରଥ ଚକ ଭାଙ୍ଗିଲା ବୋଲି ଶ୍ରଦ୍ଧାଳୁମାନେ କହିଛନ୍ତି।

# ଜଉରଥରେ ମହାବାହୁ

**ବାଲେଶ୍ୱର ଅଫିସ, ୧୭**

ବାଲେଶ୍ୱର ଜିଲା ରେମୁଣା ଗୋଲେଇ ନିକଟସ୍ଥ କୋଶମ୍ବ ନଗରର ଦୁବଲାଗଡ଼ଠାରେ ଜଉ ରଥରେ ବସି ୩ ଠାକୁର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ରଥରେ ସ୍ଥାପିତ ୩ ଠାକୁର ମଧ୍ୟ ଜଉରେ ନିର୍ମିତ। ଜଉକଣ୍ଢେଇ ଶିଳ୍ପୀମାନେ ଏକ ଭିନ୍ନ ଶୈଳୀରେ ରଥଯାତ୍ରା ପାଳନ କରିଛନ୍ତି। ଜଉ ରଥର ଉଚ୍ଚତା ୧୮ଇଞ୍ଚ। ଜଉରେ ନିର୍ମିତ ରଥ ଓ ତିନି ଠାକୁରଙ୍କୁ ୧୦୦ରୁ ଊର୍ଦ୍ଧ୍ୱ ଶିଳ୍ପୀ ନିର୍ମାଣ କରିଛନ୍ତି।

ବାଲେଶ୍ୱର ଉନ୍ନୟନ ପରିଷଦ ସଭାପତି ଭଗବାନଦାସ ଖଣ୍ଡେଲୱାଲ ଆଳତୀ କରି ରଥକୁ ଟାଣି ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଜଉରଥରେ ଜଉ ଜଗନ୍ନାଥ ଗଢ଼ିବା ପ୍ରଥମ। ନିମନ୍ତ୍ରିତ ଅତିଥି ଭାବେ କମଲ ବିହାରୀ ଦାସ, ଡ. କରୁଣାକର ରାଉତ, ଜୟକୃଷ୍ଣ ସାହୁ, ପ୍ରଶାନ୍ତ ପଟେଲ, ସୁଧାକର ସେଠୀ, ଗୋବିନ୍ଦ ଦଳାଇ, ଦେବେଶ ପରମାଣିକ ପ୍ରମୁଖ ଉପସ୍ଥିତ ହୋଇ ଜଉରଥ ଟାଣିଥିଲେ। ଜଉରଥ ତିଆରି କରିଥିବା ଶିଳ୍ପୀ ମାୟା ନାୟକଙ୍କ ସହ କନକଲତା ଦାସ, ସୁକାନ୍ତି ସାହୁ, ଗୌରୀ ଦାସ, ସୁପ୍ରଭା ବେହେରା, ନମିତା ପଟ୍ଟନାୟକ ପ୍ରମୁଖ ରଥ ଟାଣି ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଜଉରେ ତିଆରି କୁନି ରଥରେ କୁନି କୁନି ଜଉର ତିନି ଠାକୁରଙ୍କୁ ଶଙ୍ଖ, ଘଣ୍ଟା ହୁଳହୁଳି ବଜାଇ ସ୍ଥାନୀୟ ଗ୍ରାମବାସୀ ଟାଣି ନେଇଥିଲେ। ମୁଖ୍ୟ ଆୟୋଜକ ଶିଳ୍ପୀ କେଶୁଦାସ କହନ୍ତି, ଜଉ ସହ ଜଗନ୍ନାଥଙ୍କର ରହିଛି ପବିତ୍ର ସମ୍ପର୍କ। ଜଗନ୍ନାଥଙ୍କ ଦାରୁଦେହରେ ଜଉର ପ୍ରଲେପନ ଦେବା ଜଗନ୍ନାଥ ସଂସ୍କୃତିରେ ପ୍ରାରମ୍ଭରୁ ରହିଛି। ଏହି ସଂସ୍କୃତିର ଗାଥାକୁ ଲୋକଲୋଚନକୁ ଆଣିବା ସହ ଜଉକଳାକୁ ଆଗେଇ ନେବା ପାଇଁ ଏହି ପ୍ରୟାସ ପ୍ରଥମଥର ଆରମ୍ଭ କରାଯାଇଛି। ଏହାକୁ ପରିଚାଳନା କରିବାରେ ଗଦାଧର ମହାନ୍ତି, ଦେବାଶିଷ ପତି, ଅରୁଣ ବାରିକ, ଦୀନକୃଷ୍ଣ ଧଳ, ଅଙ୍କିତ ଦାସ, ପପୁନ ପ୍ରଧାନ ଓ ରୂପକ ଦାସ ପ୍ରମୁଖ ସହଯୋଗ କରିଥିଲେ।


ଜଉରେ ନିର୍ମିତ ରଥ ଓ ଠାକୁର।

# ରାଜନଗର, ମଲ୍ଲୀପଶିରେ ଭକ୍ତିମୟ ପରିବେଶ

**ପାଟଣା,୧୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ସ୍ଥିତ ପ୍ରାଚୀନ ଦଧିବାମନ ଜିଉ, ମଲ୍ଲୀପଶି, ଟାଙ୍ଗରପଡ଼ା ଓ ସରାସକୋଲା ସ୍ଥିତ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ନୀତିକାନ୍ତିରେ ସମ୍ପନ୍ନ ହୋଇଛି। ଦଧିବାମନ ଜୀଉଙ୍କ ରଥରେ ଦୁର୍ଯ୍ୟୋଧନ ମିଶ୍ର ଛେରା ପହଁରା କରିଥିଲେ। ପ୍ରଦୀପ ମିଶ୍ର ଓ ମନ୍ଦିର ପୂଜକ ପ୍ରଦୀପ କୁମାର ପାଣି ପୂଜା କାର୍ଯ୍ୟ କରିଥିଲେ। ମୃତ୍ୟୁଞ୍ଜୟ ପାଣି, ରଜନୀ କାନ୍ତ ମିଶ୍ର ,ପହଣ୍ଡିଆ ସେବାୟତ ଓ ମନ୍ଦିର ସେବାୟତ ଦେବନୀତି କରିଥିଲେ। ଦେବୋତ୍ତର ବିଭାଗ ପକ୍ଷରୁ ପାଟଣା ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା ଓ ତୁରୁମୁଙ୍ଗା ଥାନା ଅଧିକାରୀ ମଦନମୋହନ ନାଏକ ଏକ ସେକ୍ସନ ଫୋର୍ସ ସହ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ। ପାଟଣା ବିଧାୟକ ଜଗନ୍ନାଥ ନାଏକ ଦେବ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ମଲ୍ଲୀପଶିରେ ପାର୍ଥ ସାରଥୀ ବେଜଙ୍କ ତତ୍ତ୍ୱାବଧାନରେ ରାଜା ରବିନାରାୟଣ ସିଂ ଛେରା ପହଁରା କରିଥିଲେ। ରାଜନଗରରେ ୧୫ ହଜାରରୁ ଊର୍ଦ୍ଧ୍ୱ ଓ ମଲ୍ଲୀପଶିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସେହିଭଳି ସରାସକୋଲା ଓ ଟାଙ୍ଗରପଡ଼ାରେ ରଥ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି।

# ରଥ ଟାଣିଲେ ଶ୍ରଦ୍ଧାଳୁ

**ଆରଡ଼ି, ୧୭ (ଡି.ଏନ.ଏ.)**

ଭଦ୍ରକ ଜିଲାର ଶୈବପୀଠ ଆରଡ଼ି ସମେତ ଆଖପାଖ ଅଞ୍ଚଳରେ ଶୁକ୍ରବାର ରଥଯାତ୍ରା ପାଳନ କରାଯାଇଛି। ଚଳିତବର୍ଷ କରୋନା କଟକଣା ହଟିଥିବାରୁ ରଥ ଟାଣିବା ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଆରଡ଼ିରେ ଥିବା ଜଗନ୍ନାଥ ମନ୍ଦିରରେ ଦିନତମାମ ପୂଜାର୍ଚ୍ଚନା କରାଯାଇଥିଲା। ତପନ କୁମାର ପାଢ଼ୀଙ୍କ ସହାୟତାରେ ପୂଜାବିଧି ହୋଇଥିଲା। ଆରଡ଼ି ସନ୍ନିକଟ ଭୂଇଁପୁରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ରଥଯାତ୍ରା ଦେଖିବାକୁ ଭିଡ଼ ହୋଇଥିଲା। ଅପରାହ୍ନରେ ତିନିଠାକୁରଙ୍କୁ ମାଉସୀ ମା' ମନ୍ଦିରକୁ ଭକ୍ତମାନେ ଟାଣି ଟାଣି ନେଇଥିଲେ। ଆରଡ଼ିରେ ସତ୍ୟବ୍ରତ ପାଢ଼ୀ, କୁଲେଇପଦାରେ ବାଇଧର ବିଶ୍ୱାଳ, ଓଳଗରେ ନାରାୟଣ ଜେନାଙ୍କ ସହଯୋଗରେ ଗ୍ରାମବାସୀ ୩ଟି ରଥକୁ ମାଉସୀ ମା' ମନ୍ଦିରରେ ସନ୍ଧ୍ୟାରେ ପହଞ୍ଚାଇଥିଲେ। ଧାମନଗର ବ୍ଲକର ରଇପୁର ଓ ସାହୁସାହିରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା।

# ରଥଚକରୁ ଭାଙ୍ଗିଲା ଅଖ


ରଥଚକରୁ ଅଖ ଭାଙ୍ଗିଯିବା ପରେ ଢିରା ଦିଆଯାଇ ରଖାଯାଇଛି।

**ନୀଳଗିରି, ୧୭(ସ୍ୱ.ପ୍ର.)**

ନୀଳଗିରି ରାଜାରାଜୁଡ଼ା ଅମଳରୁ ପ୍ରଥମ ରଥଯାତ୍ରା ଗରଡିହିଠାରେ ଆରମ୍ଭ ହୋଇଥିଲା। ଗରଡିହିର ରଥ ନିର୍ମାଣ ଲାଗି ପ୍ରତିବର୍ଷ ନୀଳଗିରି ଠାକୁର ମାହାଲ ପକ୍ଷରୁ ନୂତନ କାଠ, ମହାରଣାମାନଙ୍କୁ ଯୋଗାଯାଇଥାଏ । ମାତ୍ର ଚଳିତବର୍ଷ ଠାକୁର ମାହାଲ ପକ୍ଷରୁ ନୂତନ କାଠ ଯୋଗାଇ ଦିଆଯାଇ ନ ଥିଲା କି ମହାରଣାମାନଙ୍କୁ ଲଗାଯାଇ ନ ଥିଲା। ଏ ବାବଦରେ ସ୍ଥାନୀୟ ଜନସାଧାରଣ ବାରମ୍ବାର ଠାକୁର ମାହାଲ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କାଠ ଯୋଗାଇ ଦେଇ ନ ଥିଲେ । ଶେଷରେ ପୁରୁଣା କାଠକୁ ଲଗାଇ ରଥ ନିର୍ମାଣ ଶେଷ କରାଯାଇଥିଲା। ଶୁକ୍ରବାର ଅପରାହ୍ନରେ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରି ରଥାରୁଢ଼ କରାଗଲା ପରେ ରଥଟଣା ଆରମ୍ଭ ହୋଇଥିଲା। ମାତ୍ର ୧୦ଫୁଟ ରାସ୍ତା ଅତିକ୍ରମ କଲା ପରେ ଚକରୁ ଅଖ ଭାଙ୍ଗିଯାଇଥିଲା । ଫଳରେ ରଥ ବିପଦପୂର୍ଣ୍ଣ ଅବସ୍ଥାରେ ଛିଡ଼ା ହୋଇଛି । ଏହାର ପ୍ରତିବାଦ କରି ଗରଡିହିବାସୀ ନୀଳଗିରି ଠାକୁର ମାହାଲ ଅଫିସ ଆଗରେ ଧାରଣାରେ ବସିଛନ୍ତି। ଏ ସମ୍ପର୍କରେ ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ଅବଗତ କରାଗଲା ପରେ ଖୁବ୍ ଶୀଘ୍ର ଏହାର ପ୍ରତିକାର କରାଯିବ ବୋଲି ସୂଚନା ଦେଇଛନ୍ତି।

## ଗୁଣ୍ଡିଚା ମନ୍ଦିରକୁ ଗଲେ ବଡ଼ଠାକୁର

**ବଡ଼ବିଲ, ୧୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲର ତିନୋଟି ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଛନ୍ତି। ସବୁଠି ରଥ ଟାଣିବାକୁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବଡ଼ବିଲ ପୌର କାର୍ଯ୍ୟାଳୟ ନିକଟସ୍ଥ ହରିହର ମନ୍ଦିର, ନାଲଦା ରୋଡସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଗୋପବନ୍ଧୁ ଛକସ୍ଥିତ କଲ୍ୟାଣେଶ୍ୱର ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡି ହୋଇ ରଥାରୂଢ଼ ହେବା ପରେ ଛେରା ପହଁରା ହୋଇଥିଲା। ହରିହର ମନ୍ଦିରରେ ବଡ଼ବିଲ ତହସିଲଦାର ଆଲୋକ କୁମାର ପଟେଲ, ଶ୍ରୀଜଗନ୍ନାଥ ମନ୍ଦିରରେ ଦିଲୀପ ମିଶ୍ର ଏବଂ କଲ୍ୟାଣେଶ୍ୱର ମନ୍ଦିରରେ ଶରତ କୁମାର ଦାସ ଛେରା ପହଁରା କରିଥିଲେ। କଲ୍ୟାଣେଶ୍ୱର ମନ୍ଦିରଠାରେ ରଥ ଟାଣିବାକୁ ବହୁସଂଖ୍ୟାରେ ମହିଳାମାନେ ସାମିଲ ହୋଇଥିଲେ।

# ଦୁଇବର୍ଷ ପରେ ଭକ୍ତ, ଭଗବାନଙ୍କ ମିଳନ

**ଭଦ୍ରକ ଅଫିସ/ପଦ୍ମପୁର/ଧାମନଗର, ୧୭(ଡି.ଏନ.ଏ.)**

ଦୁଇବର୍ଷ ପରେ ରଥଯାତ୍ରାରେ ଭକ୍ତ ଓ ଭଗବାନଙ୍କ ମିଳନ ହୋଇଛି। ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ରଥଯାତ୍ରା ଅନୁଷ୍ଠିତ ହୋଇଛି। ଭଦ୍ରକ ପୌରାଞ୍ଚଳ ସାଳନ୍ଦୀ ବାଇପାସ୍, କୁଆଁସ, ସନ୍ଥିଆ, ନୂଆବଜାର ଓ ଗରଦପୁର ଅଞ୍ଚଳରେ ଛୋଟବଡ଼ ରଥ ଟଣାଯାଇଥିଲା। ସଦର ବ୍ଲକ କେଶପୁରସ୍ଥିତ ହରିବୋଲ କ୍ଷେତ୍ରରେ ସକାଳେ ଦ୍ୱାରପାଳ ପୂଜା ପରେ ସୂର୍ଯ୍ୟପୂଜା କରାଯାଇଥିଲା। ପରେ ରଥ ସଂସ୍କାର ଓ ଧ୍ୱଜାରୋପଣ କରାଯାଇ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ରଥରେ ଅର୍ପଣ କରାଯାଇଥିଲା। ଶ୍ରୀଜୀଉମାନଙ୍କ ସ୍ନାନ ଓ ପୂଜନ ହୋଇଥିଲା। ମହାସୁଦର୍ଶନଙ୍କ ପହଣ୍ଡି ବିଜେ ପରେ ଶ୍ରୀ ବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ୩ ରଥରେ ଛେରା ପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ତିନି ରଥକୁ ଟାଣି ଟାଣି ନେଇ ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତର ମୋଡ଼ସାହିସ୍ଥିତ ମାଉସୀମା' ମନ୍ଦିରକୁ ନେଇଥିଲେ। ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳାମାନେ ଟାଣିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା କେନ୍ଦ୍ର ଖୋଲାଯିବା ସହ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ୫ ଟଙ୍କିଆ ବହି ବିକ୍ରି କରାଯାଇଥିଲା। ରଥ ପରିଚାଳନା କମିଟି ସଭାପତି ନଗେନ୍ଦ୍ର ପ୍ରସାଦ ଦାସ, ସମ୍ପାଦକ ଶ୍ରୀଧର ପୁହାଣ, ସନ୍ତୋଷ ନାୟକ, ସରୋଜ ପଣ୍ଡା, ଚନ୍ଦ୍ରକାନ୍ତ ବେହେରା, ପତିତପାବନ ପଣ୍ଡା, ବିଷ୍ଣୁମୋହନ ସେଠୀ ଏବଂ ମାଉସୀମା' ମନ୍ଦିର କମିଟି ସଭାପତି ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ପାଦକ ରବିନାରାୟଣ ସାମଲ, ସନାତନ ଜେନା ପ୍ରମୁଖ ପରିଚାଳନା କରିଥିଲେ।


କେଶପୁରଠାରେ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡିରେ ନିଆଯାଉଛି।

ସେହିପରି ଆଗରପଡ଼ାରେ ଅପରାହ୍ଣ ୩ଟାରେ ଠାକୁର ରାଜା କିଶୋରୀ ମୋହନ ସିଂହ ରଥରେ ଛେରା ପହଁରା କରିବା ପରେ ପଣ୍ଡାମାନଙ୍କ ଦ୍ୱାରା ୩ ଦିଅଁଙ୍କୁ ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ଅପରାହ୍ଣ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ରଥ ଟାଣି ନେଇ କର୍ମମନ୍ଦିରସ୍ଥିତ ମାଉସୀମା' ମନ୍ଦିର ନିକଟରେ ପହଞ୍ଚାଇଥିଲେ। ବାସୁଦେବପୁର ବ୍ଲକର ଜଗନ୍ନାଥପ୍ରସାଦ, ରାଜଘରପୋଖରୀ, ପଦ୍ମପୁର, ପାବନକ୍ଷେତ୍ର ଏଡ଼ତାଳ, ସାହାଡ଼ା, ଇଚ୍ଛାପୁରଠାରେ ରଥଯାତ୍ରା ପାଳନ କରାଯାଇଥିଲା। ବାସୁଦେବପୁର, ନାୟକାଣିଡିହୀ ଓ ସାବରଙ୍ଗ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ଥିଲେ। ସେହିପରି ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଦେହୁଡି ଆନନ୍ଦପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳା, ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ରଥକୁ ପୁରୁଷମାନେ ଟାଣିଥିଲେ।

